## ଶୈବପୀଠ କପିଳାସ ଓ ଅନ୍ୟ ଦେବାଳୟରେ ଭୋଗ ଦୋକାନ ଲାଗି ଟେଣ୍ଡର ଆହ୍ୱାନ

# ଦରବୃଦ୍ଧି ଯୋଗୁଁ ବ୍ୟବସାୟୀ ଅମଙ୍ଗ

ଢେଙ୍କାନାଳ,୨୧।୩(ସମିସ)

ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନରେ ଥିବା ପ୍ରସିଦ୍ଧ ଶୈବପୀଠ କପିଳାସ, ସପ୍ତଶଯ୍ୟା ଓ ଦଧିବାମନ ଜୀଉ ମଠର ଭୋଗ ଦୋକାନ ଅବଢ଼ା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏହାକୁ କୌଣସି ଟେଣ୍ଡରଧାରୀ ପକାଇ ନଥିବା ଜଣାପଡ଼ିଛି । ଏ ନେଇ ଏପ୍ରିଲ ୧ ତାରିଖ ଠାରୁ ମନ୍ଦିର ଏବଂ ମଠରେ ଭୋଗ, ଅନ୍ନପ୍ରସାଦକୁ ନେଇ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଢେଙ୍କାନାଳର କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର କପିଳାସ ମନ୍ଦିର, ସହରସ୍ଥିତ ବଳରାମ ମନ୍ଦିର, ଦଧିବାମନ ଜୀୟୁ ମଠ, ସପ୍ତଶଯ୍ୟା ଭୋଗ ଦୋକାନକୁ ପ୍ରତିବର୍ଷ ଟେଣ୍ଡର ଦ୍ୱାରା ନିଲାମ ଦିଆଯାଇଥାଏ । ଏହି ଟେଣ୍ଡର ପ୍ରକ୍ରିୟା ଏପ୍ରିଲ ଏକ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ । ଚଳିତ ବର୍ଷ ଟେଣ୍ଡର ପାଇଁ ଗତ ଫେବୃଆରୀ ମାସ ୨୭ ତାରିଖ, ମାର୍ଚ୍ଚ ୧୩

### ୧୭ ବିଭାଗ ନିମନ୍ତେ ୧ କୋଟି ୫ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିଲା

ତାରିଖ ଏବଂ ମାର୍ଚ୍ଚ ୨୧ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଟେଣ୍ଡର ଖୋଲାଯିବାର ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଟେଣ୍ଡରଧାରୀ ପକାଇ ନଥିବା ଯୋଗୁ ଦେବତ୍ତର ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି । ଏହି ଟେଣ୍ଡର ପ୍ରକ୍ରିୟାରେ ବଳଦେବ ଜୀୟୁ ଅବଢ଼ା ଦୋକାନ ପାଇଁ ୩ ଲକ୍ଷ ୮୬ହଜାର ୧ଶହ ଟଙ୍କା, ଦଧିବାମନ ଜୀୟୁ ମଠ ଅବଢ଼ା ପାଇଁ ୬ଲକ୍ଷ ୫୦ହଜାର ୧ ଶହ ଟଙ୍କା, ସପ୍ତଶଯ୍ୟା ଭୋଗ ଦୋକାନ ପାଇଁ ୨ ଲକ୍ଷ ୪୭ ହଜାର ୫ ଶହ ଟଙ୍କା, କପିଳାସ ଜଳଖିଆ ଦୋକାନ ଓ ଚା ଦୋକାନ ପାଇଁ ୩ ଲକ୍ଷ ୫୪ ହଜାର ୫ ଶହ ଟଙ୍କା, କପିଳାସମାଳି ମୁଡିଓ ବାଡି ଦୋକାନ ୬ଲକ୍ଷ ୩୮ ହଜାର ଟଙ୍କା, କପିଳାସ



ଫୁଲ ଓ ବେଲପତ୍ର ଦୋକାନ ପାଇଁ ୮ଲକ୍ଷ ୫୫ ହଜାର ୬ ଶହଟଙ୍କା, କପିଳାସ ଓମଫେଡ ପାର୍ଲର ଦୋକାନ ୪ ଲକ୍ଷ ୩୦ ହଜାର ୭ଶହ ଟଙ୍କା, କପିଳାସ ପାନ ଦୋକାନ ପାଇଁ ୩ ଲକ୍ଷ ୩ ହଜାର ୫ଶହ ଟଙ୍କା, କପିଳାସ ଶିଖ ତଳ ଦୁଇଚକିଆ ଯାନ ଷ୍ଟାଣ୍ଡ ପାଇଁ ୧୩ ଲକ୍ଷ ୩୪ ହଜାର ୩ଶହ ଟଙ୍କା, କପିଳାସ ଟୋଲଗେଟ ଓ ପାର୍କି ସ୍ଥାନ ୩୦ ଲକ୍ଷ ୩୧ ହଜାର ୨ଶହ ଟଙ୍କା, କପିଳାସ ଅନ୍ନପ୍ରସାଦ ପାଇଁ ୧୫ ଲକ୍ଷ ୪୦ ହଜାର ଟଙ୍କା, ଗୁରୁଜାଙ୍ଗ ଅସ୍ଥିର କୁଦ ପାଇଁ ୧ ଲକ୍ଷ ୧୦ ହଜାର ଟଙ୍କା, କପିଳାସ କାକୁଡି ଦୋକାନ ପାଇଁ ୧ ଲକ୍ଷ ୩୫ ହଜାର ୪ ଶହ ଟଙ୍କା, ଚାବିରେ ନାମଲେଖା ଦୋକାନ ୨୩ ହଜାର ୭ଶହ ଟଙ୍କା, କପିଳାସ କାଠ କାମ ଦୋକାନ ୮୩ ହଜାର ୧ ଶହ ଟଙ୍କା, ସନ୍ତୋଷୀଛକ ଓ ଶିଖର ବୃଷଭଙ୍କ ନିକଟରେ ଥିବା ଶୌଚାଳୟ ୧ ଲକ୍ଷ ୨୮ ହଜାର ୭ଶହ ଟଙ୍କାରେ ଟେଣ୍ଡର ଡକାଯାଇଥିଲା । ପୂର୍ବରୁ ଦୁଇଟି ଟେଣ୍ଡର ଫେବୃଆରୀ ୨୭ ଓ ମାର୍ଚ୍ଚ ୧୨ ତାରିଖରେ ଡକାଯାଇଥିଲେ ମଧ୍ୟ କୌଣସି ଟେଣ୍ଡରଧାରୀ ଅଂଶଗ୍ରହଣ କରି ନଥିଲେ । ଫଳରେ ୨୧ତାରିଖକୁ ପୁଣି ଥରେ ଟେଣ୍ଡର ଆହ୍ୱାନ କରାଯାଇଥିଲେ ମଧ୍ୟ କେହି ଟେଣ୍ଡର ପକାଇ ନଥିବାର ଜଣାପଡ଼ିଛି । ଏହାକୁ ନେଇ ଗତ ୨୦୨୩-୨୪ରେ ନିଲାମ ନେଇଥିବା କପିଳାସ ପୀଠର ମାନସ ସାହୁଙ୍କ ଅଭିଯୋଗ ଅନୁସାରେ ଦେବୋତ୍ତର ବିଭାଗ ପକ୍ଷରୁ ଅତ୍ୟଧିକ ଦାମ ବୃଦ୍ଧି କରାଯିବା ସହିତ ସାମାନ୍ୟତମ ସୁବିଧା ସୁଯୋଗ ଦେଉନାହିଁ । କୌଣସି ସ୍ଥାୟୀ ସମାଧାନ କରାଯିବା ତ ଦୂରର କଥା ସ୍ଥାୟୀ ଘର, ସୁରକ୍ଷା କିଛି ବି ନାହିଁ । କିନ୍ତୁ ଅଧିକ ଦର ବୃଦ୍ଧି କରିଥିବାରୁ ଆମେ ଭକ୍ତମାନଙ୍କ ଠାରୁ ଅଧିକ ଦାମ ନେଲେ ବିବଦମାନ ପରସ୍ଥିତି ସୃଷ୍ଟି ହେଉଛି । ଦେବୋତ୍ତର ବିଭାଗ ଦର ବୃଦ୍ଧି କମ ସହିତ ସ୍ଥାୟୀ ସମାଧାନ କଲେ ଟେଣ୍ଡର ଅଂଶଗ୍ରହଣ କରିବୁ ବୋଲି କହିଛନ୍ତି । ସେହିପରି ବଳରାମ ମନ୍ଦିରର ଟେଣ୍ଡର ଧାରୀ ଶିବରାମ ଦାସ କହିଛନ୍ତି ଯେ, ଅଧିକ ଦାମ ହୋଇଯାଇଛି ଏବଂ ୫ଟି କାମ ଚାଲୁଥିବାରୁ ଚାରିଆଡ଼ ଭଙ୍ଗା ରୁଜା ହୋଇଛି । ସ୍ଥାୟୀ ରୋଷଘର ନଥିବାରୁ ପଥର ପକାଇ ରୋଷେଇ କରୁଛୁ । ଦାମ କରିବାକୁ ବାରମ୍ବାର ନିବେଦନ କଲେ ମଧ୍ୟ କୌଣସି ଫଳ ନମିଳିବାରୁ ଟେଣ୍ଡରରେ ଭାଗ ନେଇନାହୁଁ । ଯଦି ମାର୍ଚ୍ଚ ୩୧ ସୁଦ୍ଧା କେହି ଟେଣ୍ଡର ନ ନିଅନ୍ତି ତେବେ ଭକ୍ତମାନେ ନାହିଁ ନଥିବା ଅସୁବିଧା ଭୋଗିବେ ବୋଲି ଆଲୋଚନା ହେଉଛି ।

## ରାମଚରିତ ମାନସ ପାରାୟଣର ପୂର୍ଣ୍ଣାହୁତି

**ଢେଙ୍କାନାଳ, ୨୧।୩ (ସମିସ):** ସ୍ଥାନୀୟ ଯାଉଁଳି ପୋଖରୀ ମଠ ପରିସରରେ ମର୍ଯ୍ୟାଦା ପୁରୁଷୋତ୍ତମ ରଘୁକୂଳ ତିଳକ ଶ୍ରୀ ରାଘବେନ୍ଦ୍ର ରାମଚନ୍ଦ୍ରଙ୍କର ୪୭ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ୧୩ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯାଇଥିଲା । ପାରାୟଣର ପ୍ରଥମ ଦିନରେ ପୁରୁଷୋତ୍ତମ ଦାସଜୀ ମହାରାଜଙ୍କ ଦ୍ୱାରା ୧୩ ତାରଖରେ ଶିବପାର୍ବତୀ ବିବାହ ଓ ୧୪ ତାରିଖରେ ଶ୍ରୀରାମ ଜନ୍ମର କାରଣ ଓ ଜନ୍ମ ଉତ୍ସବ ପ୍ରବଚନ ଆରମ୍ଭ ହୋଇଥିବା ବେଳେ କମଳଲୋଚନ ଦାସଜୀ ମହାରାଜଙ୍କ ଦ୍ୱାରା ୧୫ ତାରିଖରେ ସୀତାରାମ ବିବାହ ଉତ୍ସବ ଓ ୧୬ ତାରିଖରେ ଶ୍ରୀରାମ ବନ ଗମନ, ନାରାୟଣ ଦାଶ (ମାନସ ରାଜହଂସ)ଙ୍କ ଦ୍ୱାରା ୧୭ ତାରିଖରେ ଦଶରଥଙ୍କ ଦେହତ୍ୟାଗ ଓ ଭରତଙ୍କ ଚିତ୍ରକୂଟ ଗମନ, ନିରଞ୍ଜନ ଶାସେନୀଙ୍କ ଦ୍ୱାରା ୧୮ ତାରିଖରେ ଭରତଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ସୀତା ହରଣ ଓ ୧୯ ତାରିଖରେ ହନୁମାନ ଚରିତ ଓ ସେତୁ ବନ୍ଧ ପ୍ରତିଷ୍ଠା ଏବଂ ଅନ୍ତର୍ଯ୍ୟାମୀ ଦାସଜୀ ମହାରାଜଙ୍କ ଦ୍ୱାରା ୨୦ ତାରିଖରେ ସମର ଲୀଳା ଓ ରାବଣ ବଧ



ଏବଂ ୨୧ ତାରିଖରେ ଶ୍ରୀରାମଭିଷେକ ଓ ଜ୍ଞାନ ପ୍ରକରଣ ଉପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ଅମରେନ୍ଦ୍ର ନନ୍ଦ ଓ ସହଯୋଗୀ ରିତିକ୍ ବୃନ୍ଦଙ୍କ ଦ୍ୱାରା ପ୍ରତ୍ୟହ ପ୍ରାତଃ ୭ ଘଟିକା ଠାରୁ ସୂର୍ଯ୍ୟପୂଜା, ଗୋ-ପୂଜା, ରୁଦ୍ରାଭିଷେକ, ଗୀତା ଓ ଶ୍ରୀ ବିଷ୍ଣୁ ସହସ୍ରନାମ, ଶ୍ରୀ ରାମାର୍ଜନ ଓ ତତ୍ପରେ ୧୧ ଘଟିକା ଠାରୁ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ସଂଧ୍ୟା ୬ଟା ୩୦ମି.ରେ ଶ୍ରୀ ଜୀଉଙ୍କର ପାରାୟଣ ମଣ୍ଡପ ବିଜେ ଆରତୀ, ଅସ୍ତୁତି ଓ ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀରାମ ନାମ ଭଜନ କୀର୍ତନ ଓ ଶ୍ରୀ ହନୁମାନ ଚାଳିଶା ପାଠ କରାଯିବା ସହିତ ପ୍ରତ୍ୟେହ ସଂଧ୍ୟା ୭ ଘଟିକାରେ କଥା ବାଚକଙ୍କ ଦ୍ୱାରା ଶ୍ରୀରାମ କଥାମୃତ ଧାରା ପ୍ରବାହ ଅନୁଷ୍ଠିତ ହୋଇଥିଲା । ଏଥିରେ ମଞ୍ଚ ପରିଚାଳକ ତଥା ଉପସ୍ଥାପନା କରିଥିଲେ ବିଶ୍ୱମ୍ବର ଦାସଜୀ ମହାରାଜ । ଉକ୍ତ କାର୍ଯ୍ୟକ୍ରମକୁ ମଠର ମହନ୍ତ ବ୍ରହ୍ମାନନ୍ଦ ଦାସଜୀ ମହାରାଜ ପରିଚାଳନା କରିଥିବା ବେଳେ ପ୍ରଭୁପାଦ ଦାସଜୀ ମହାରାଜ ସହଯୋଗ କରିଥିଲେ । ଏଥିରେ ଉଦ୍ୟୋକ୍ତା ଭାବେ ମୁରଲୀ କୁମାର ଭଞ୍ଜ, ସଞ୍ଜୟ କୁମାର ଭଞ୍ଜ, ସୁଶାନ୍ତ କୁମାର ଜେନା, ପ୍ରତାପ କୁମାର ମହାନ୍ତି, ସରୋଜ କୁମାର ମହାନ୍ତି, ଶିବ ପ୍ରସାଦ ଦାଶ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ ଓ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସହରର ଭକ୍ତମାନେ ସଂଧ୍ୟାରେ ପ୍ରସାଦସେବନ କରିଥିଲେ ।

## ବସ୍ଷ୍ଟାଣ୍ଡ ଉଠାଦୋକାନୀଙ୍କ ଥଇଥାନ ଦାବି



ଢେଙ୍କାନାଳ, ୨୧।୩ (ସମିସ): ଢେଙ୍କାନାଳ ବସଷ୍ଟାଣ୍ଡ ଠାରେ ଉଠାଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କୁ ଉଚ୍ଛେଦ କରିବା ପରେ ସ୍ଥାୟୀ ସମାଧାନ କରାଯାଇନାହିଁ । ଫଳରେ ଉଠାଦୋକାନୀଙ୍କ ଥଇଥାନ ନିମନ୍ତେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହିତ ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି । ଅଭିଯୋଗ ଅନୁସାରେ ଦୋକାନ ଉଠାଇଦେବା ଫଳରେ ପିରବାର ପ୍ରତିପୋଷଣ ହୋଇପାରୁନାହିଁ । ଦୋକାନୀମାନେ ବେସାହାରା ହୋଇ ପଡ଼ିଥିବା ବେଳେ ଯେଉଁ ନୂଆ ଘର ନିର୍ମାଣ କରାଯାଇଛି ସେହି ଘରେ ଥଇଥାନ କରିବାକୁ ଦାବି କରାଯାଇଛି ।

### ମହାବିରୋଡ଼ ଗ୍ରାମ୍ୟ ବ୍ୟାଙ୍କ ଲୁଟ୍ ଘଟଣାକୁ ବର୍ଷେ ପୂରିଲା

## ଗ୍ରାହକଙ୍କୁ ମିଳିଲାନି ସୁନାଗହଣା

**କାମାକ୍ଷାନଗର, ୨୧।୩ (ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ମହାବିରୋଡ଼ ଗ୍ରାମରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଗତବର୍ଷ ଫେବୃଆରୀ ୩ ତାରିଖରେ ବ୍ୟାଙ୍କ ଡକାୟତି ଘଟଣାରେ ବ୍ୟାଙ୍କ ମଧ୍ୟରୁ ଲକ୍ଷାଧିକ ଟଙ୍କା, ସୁନା ଗହଣା ଲୁଟ ହେଇଥିଲା । ମହାବିରୋଡ଼ ଓ ଆଖପାଖ ଅଞ୍ଚଳର ଗ୍ରାମବାସୀମାନେ ବ୍ୟାଙ୍କରେ ସୁନା ଗହଣା ବନ୍ଧକ ଦେଇ ଗୋଲ୍ଡ ଋଣ ବାବଦରେ ଟଙ୍କା ନେଇଥିଲେ । ହିତାଧିକାରୀଙ୍କ ଅଭିଯୋଗ ଅନୁସାରେ ନେଇଥିବା ଟଙ୍କା ପୈଠ କରିଥିଲେ ମଧ୍ୟ ବ୍ୟାଙ୍କରେ ଦେଇଥିବା ସୁନା, ଗହଣା ମୁକୁଳାଇବା ପାଇଁ ପ୍ରତି ମାସରେ ବ୍ୟାଙ୍କରୁ ମିଥ୍ୟା ପ୍ରତିଶୃତି ମିଳୁଥିଲେ ମଧ୍ୟ ବନ୍ଧକ ସୁନା ଫେରସ୍ତ ହେଉନାହିଁ । ଗୁରୁବାର ବ୍ୟାଙ୍କ ଲୁଟରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ମଧ୍ୟରୁ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତି ସଭ୍ୟା ପଦ୍ମିନୀ ବେହେରା, ଅନିତା

### ବ୍ୟାଙ୍କ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା ଚେତାବନୀ

ସାହୁ, ରଞ୍ଜିତା ସେଠି, ସୁଜାତା ସାହୁ, ରିନାରାଣୀ ସାହୁ, ନଳିନୀ ସାହୁ, ବିରବର ସାହୁ, ପିଙ୍କି ସେଠି, ସୁବାସ ସାହୁ, ସୁମନ୍ତି ନାଏକ, ତିଲୋତ୍ତମା ପ୍ରଧାନ, ସୁମ ସେଠି ମହାବିରୋଡ଼ ଗ୍ରାମ୍ୟ ଶାଖା ପରିଚାଳକଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ବ୍ୟାଙ୍କ ପକ୍ଷରୁ ସୁନା ଗହଣା ଦିଆ ନ ଗଲେ ବ୍ୟାଙ୍କ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି । ଏ ସଂକ୍ରାନ୍ତରେ ମହାବିରୋଡ଼ ଥାନା ପୁଲିସକୁ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତି ସଭ୍ୟା ପଦ୍ମିନୀ ବେହେରା ଅବଗତ କରାଇଛନ୍ତି । ମହାବିରୋଡ଼ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଅନୁରାଗ ପଟ୍ଟନାୟକ ଯେଉଁମାନେ ବ୍ୟାଙ୍କରୁ ଗୋଲ୍ଡ ଋଣ ନେଇଛନ୍ତି, ସେମାନଙ୍କ ସୁନା ଗହଣା ନିୟମ ଅନୁସାରେ ଫେରସ୍ତ ଦିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ଗଁଦିଆ, ୨୧।୩ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ କଲେଜର ଅଧ୍ୟକ୍ଷ ଭଗବାନ ମିଶ୍ର, ସମ୍ମାନିତ ଅତିଥିଭାବେ କଲେଜର ଇତିହାସ ବିଭାଗର ଅଧ୍ୟାପିକା କୁମୁଦିନୀ ବେହେରା ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ସେବାମୂଳକ ମନୋଭାବକୁ ପ୍ରଶଂସା କରିଥିଲେ । ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ କଲେଜର ଓଡ଼ିଆ ବିଭାଗର ଅଧ୍ୟାପିକ ସ୍ୱର୍ଣ୍ଣପ୍ରଭା ବେହେରା ଯୋଗଦେଇ ଛାତ୍ରଜୀବନର ମହତ ଆକାଂକ୍ଷା ଯେ କେବଳ ପୁସ୍ତକଗତ ବିଦ୍ୟାରେ ନଥାଏ ତାହା ସ୍ୱେଚ୍ଛାସେବୀମାନଙ୍କୁ ବିନୟୀ ହେବା ସହିତ ସଦାଚାର ଏବଂ ଶୃଙ୍ଖଳିତ କରିଥାଏ । ଦେଶ ଓ ସମାଜ ପାଇଁ କାର୍ଯ୍ୟ କରିବାର ଏହା ଏକ ଉପଯୁକ୍ତ ସ୍ଥାନ ବୋଲି ନିଜ ମନ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୀପ୍ତି ରଞ୍ଜନ ମହାଳିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ ଦିନର କାର୍ଯ୍ୟକ୍ରମକୁ ବିଶଦ ଭାବେ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ଓ ଉତ୍ତମ ବୁଝାମଣା ପାଇଁ ଏହି ଶିବିର ସଫଳ ହୋଇଛି ବୋଲି ମତାମତ ରଖିଥିଲେ । ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରୀ ଜ୍ୟୋତିମୟୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାରର ଦୋଳ ଉତ୍ସବ



ଢେଙ୍କାନାଳ, ୨୧।୩ (ସମିସ) : ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାରର ଶ୍ରୀ ଦୋଳଗୋବିନ୍ଦଜୀଉଙ୍କ ଦୋଳ ଉତ୍ସବ ଗତ ୧୯ ତାରିଖ ଦିନ ଫଗୁ ସହ ଆରମ୍ଭ ହୋଇଛି । ୨୧ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀ ଦୋଳଗୋବିନ୍ଦ ଜୀଉ ଶ୍ରୀରାଧାଙ୍କ ସହ ପ୍ରତିଦିନ ସନ୍ଧ୍ୟା ସମୟରେ ବିମାନରେ ବସି ପରିକ୍ରମାରେ ବାହାରିବେ ଓ ଶ୍ରଦ୍ଧାଳୁଙ୍କ ଗୃହ ପ୍ରାଙ୍ଗଣରୁ ଭୋଗ ଗ୍ରହଣ କରିବେ । କାର୍ଯ୍ୟକ୍ରମ ଅନୁଯାୟୀ ୨୪ ତାରିଖ ଦୋଳ ପୂର୍ଣ୍ଣମୀ ଦିନ ନିଜ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏହି ଦୋଳ ଉତ୍ସବ ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ଟ୍ରଷ୍ଟ ସମ୍ପାଦକ ଲୋକନାଥ ମହାପାତ୍ର, ପୂଜା କମିଟି କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ପୂଜା କମିଟି ସମ୍ପାଦକ ପିତବାସ ସାହୁ, କୋଷାଧ୍ୟକ୍ଷ ଦୟାନିଧି ବେହେରା, ଉପସଭାପତି ଉଦୟନାଥ ବେହେରା, ଶ୍ରୀକାନ୍ତ ମହାପାତ୍ର, ଟ୍ରଷ୍ଟି ଦିଲ୍ଲୀପ କୁମାର ସାହୁ, ଗିରିଜା ଶଙ୍କର ସାହୁ, ହେମନ୍ତ କୁମାର ପଟ୍ଟନାୟକ, ପ୍ରଭାତ କୁମାର ଦଳେଇ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସଦାନନ୍ଦ ସାହୁ, ସୁବ୍ରତ କୁମାର ସାହୁ ଓ ଅନ୍ୟ ସଭ୍ୟମାନଙ୍କ ତତ୍ତ୍ୱାବଧାନ ଓ ସହଯୋଗରେ ପାଳିତ ହେଉଛି ।

### ବିକଳଙ୍କ ଚିନ୍ତା ଉଦ୍ଧାରିଲେ ଚିନ୍ତାମଣି

## ଧୁମ୍‌ଧାମ୍‌ରେ ପାଳିତ ହେଲା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

କାମାକ୍ଷାନଗର, ୨୧।୩ (ସମିସ)

ଅଜଣା ବିଶ୍ୱକର୍ମା ବଢ଼ାଇଥିଲେ ତିନି ଠାକୁରଙ୍କ ବିଗ୍ରହ । ମହାପ୍ରଭୁଙ୍କ ଭକ୍ତ ଭାବରେ ଅତ୍ୟନ୍ତ ଆନନ୍ଦରେ ତିନି ବିଗ୍ରହଙ୍କୁ ଗ୍ରହଣ କଲେ ବିକଳ କୁମାର ସାମଲ । ବିଗ୍ରହ ଗ୍ରହଣ କରିବାର କିଛି ଦିନ ପରେ ଏକ ଅଜଣା ଚିନ୍ତା ବିକଳଙ୍କୁ କରୁଥିଲା ଭାରାକ୍ରାନ୍ତ । କେମିତି ନିର୍ମାଣ ହେବ ମହାପ୍ରଭୁଙ୍କ ଭବ୍ୟ ମନ୍ଦିର । ଏହି ଚିନ୍ତାରେ ଅଭାବୀ ବିକଳ ବୁଡ଼ି ରହୁଥିବା ବେଳେ ଚିନ୍ତା ଉଧାରିଲେ ସ୍ୱୟଂ ଚିନ୍ତାମଣି । ନିର୍ମାଣ ହେଲା ଭବ୍ୟ ଓ ବିଶାଳ ଜଗନ୍ନାଥ ମନ୍ଦିର । ଏହା କୌଣସି ଚଳଚିତ୍ରର ସଂଳାପ ନୁହେଁ, ବାସ୍ତବରେ ମହାପ୍ରଭୁଙ୍କ ଲୀଳା ଫଳରେ ଭୁବନ ବ୍ଲକ ବାଲିବୋ ଗାଁରେ ପ୍ରତିଷ୍ଠା ହେଲା ସୁଦୂର କୋରାପୁଟ ଜିଲ୍ଲା ବୋରିଗୁମ୍ମାର ତିନିଠାକୁରଙ୍କ ବିଗ୍ରହ ।

ଭୁବନ ବ୍ଲକର ବାଲିବୋ ଗାଁର ବିକଳ କୁମାର ସାମଲ ଆଜିକୁ ଅନେକ ବର୍ଷ ତଳେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ ଚାକିରି କରୁଥିଲେ । ବିକଳ ପିଲାବେଳୁ ମହାପ୍ରଭୁଙ୍କୁ ସର୍ବଦା ସ୍ମରଣକରିବା ସହ ପ୍ରତ୍ୟେକ ଦିନ ମନ୍ଦିରକୁ ଯାଇ ଦର୍ଶନ କରୁଥିଲେ । ଚାକିରି ସମୟରେ ମଧ୍ୟ ସେ ଏମିତି କୌଣସି ଦିନ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ନଥିଲେ । ବୋରିଗୁମ୍ମାରେ ଚାକିରି କରୁଥିବା ବେଳେ ଦିନେ ମନ୍ଦିରକୁ ଜଗନ୍ନାଥଙ୍କ ଦର୍ଶନ କରି ଯାଇଥିଲା

### ■ ଅଜଣା ବିଶ୍ୱକର୍ମା ବଢ଼ାଇଥିଲେ ତିନିମୂର୍ତ୍ତିଙ୍କ ବିଗ୍ରହ

ବେଳେ ଜଣେ ଅଜଣା ବିଶ୍ୱକର୍ମା ଯିଏକି ସେହି ମନ୍ଦିର ପରିସରରେ ବିକଳଙ୍କୁ ତିନିଠାକୁରଙ୍କ ବିଗ୍ରହ ଖୁସିରେ ଦେଇଥିଲେ । ଜଣେ ଭକ୍ତ ଭାବରେ ଅତ୍ୟନ୍ତ ଆନନ୍ଦର ସହ ବିକଳ ତାହା ଗ୍ରହଣ କରି ପ୍ରସନ୍ନତାର ସହ ଫେରିଆସି କର୍ମକ୍ଷେତ୍ରରେ ଲାଗି ପଡ଼ିଥିଲେ । ଅନେକ ଦିନ ପରେ ପୁଣିଥରେ ମନ୍ଦିର ଦର୍ଶନ କରିବା ପାଇଁ ବିକଳ ଯାଇଥିଲା ବେଳେ ଠାକୁରଙ୍କୁ ପୂଜା କରୁଥିବା ପୂଜାରୀ ତିନିବିଗ୍ରହଙ୍କୁ ମନ୍ଦିର ତିଆରି କରି ପ୍ରତିଷ୍ଠା କେବେ କରିବ ବୋଲି ପଚାରିଲେ । ଯାହାକି ବିକଳଙ୍କୁ ସେତେବେଳେ ଭାରି ଅଡୁଆ ଲାଗିଥିଲା । ତିରିଶ ବର୍ଷ ତଳେ ଫାର୍ମାସିଷ୍ଟ ଚାକିରିରେ ମିଳୁଥିବା ସ୍ୱଳ୍ପ ଦରମାକୁ ନେଇ ପରିବାର ଚଳାଉଥିବା ବିକଳ କେମିତି ମନ୍ଦିର ନିର୍ମାଣ କରିବେ, ତାହା ଥିଲା କଳ୍ପନା ବାହାରେ । ସେଥିପାଇଁ ଚିନ୍ତାରେ ଥିଲେ ବିକଳ । କିନ୍ତୁ ବିକଳଙ୍କ ସବୁ ଚିନ୍ତା ଉଦ୍ଧାରିଲେ ସ୍ୱୟଂ ଚିନ୍ତାମଣି । ବିକଳଙ୍କ ଗାଁ ଭୁବନ ବ୍ଲକ ବାଲିବୋରେ ନିର୍ମାଣ ହେଲା ଭବ୍ୟ ଓ ବିଶାଳ ମନ୍ଦିର । ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନରେ ପ୍ରଥମ ବାର୍ଷିକ ଉତ୍ସବ ସହ ମହାସମାରୋହରେ ପାଳନ ହେଉଛି ମନ୍ଦିର ପ୍ରତିଷ୍ଠା ଦିବସ । ଭୁବନ ବ୍ଲକ ବାଲିବୋ ଗାଁରେ ମହାସମାରୋହରେ ପାଳିତ ହେଉଛି ମନ୍ଦିର ପ୍ରତିଷ୍ଠା ଓ ପ୍ରଥମ ବାର୍ଷିକ ଉତ୍ସବ । ଯାହାକୁ ନେଇ ଉତ୍ସବମୁଖର ବାଲିବୋ ଗାଁ । କଳସ ଯାତ୍ରାଠାରୁ ଆରମ୍ଭ କରି ଭଜନ, କୀର୍ତ୍ତନ, ହରିବୋଲ, ହୁଳହୁଳିରେ କମ୍ପୁଛି ମନ୍ଦିର ପରିବେଶ । ବେଦଜ୍ଞ ବ୍ରାହ୍ମଣ ମାନଙ୍କ ବେଦଧ୍ୱନି ସହ ଘୃତାହୁତିରେ ଯଜ୍ଞମଣ୍ଡପ ପ୍ରକମ୍ପିତ । ଶତାଧିକ ଭକ୍ତଙ୍କ ଗହଳିରେ ପ୍ରସାଦସେବନ ଚାଲିଥିବା ବେଳେ ବିରାଜମାନ କରିଛନ୍ତି ମହାପ୍ରଭୁ ଜଗନ୍ନାଥ । ଗାଁର ଛୁଆଠାରୁ ବୟସ୍କ, ବୃଦ୍ଧ, ବୃଦ୍ଧା, ସମସ୍ତେ ଏକାକାର ହୋଇଯାଇଛନ୍ତି ଜଗନ୍ନାଥ ପ୍ରେମରେ । ପୂରା ଗାଁ ହୋଇ ଉଠିଛି ଜଗନ୍ନାଥମୟ । ଗ୍ରାମବାସୀଙ୍କ ସହଯୋଗରେ ବିକଳଙ୍କ ମନ୍ଦିର ତୋଳିବାର ସ୍ୱପ୍ନ ହୋଇଛି ପୂରଣ । ଯାହାକୁ ନେଇ ବେଶ ଆନନ୍ଦିତ ହୋଇ ଭାବବିହ୍ୱଳ ହୋଇ ଉଠୁଛନ୍ତି ବିକଳ ଓ ଗ୍ରାମବାସୀ । ସେ ହେଉଛନ୍ତି ଲୀଳାମୟ । ତାଙ୍କରି ଇଚ୍ଛା ବିନା ଗଛରେ ପତ୍ରଟିଏ ମଧ୍ୟ ହଲିପାରେନାହିଁ । ତାଙ୍କର ଇଛାରେ ସୁଦୂର କୋରାପୁଟରୁ ଆସି ବାଲିବୋ ଗାଁରେ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଓ ନିର୍ମାଣ ହେଲା ଭବ୍ୟ ଜଗନ୍ନାଥ ମନ୍ଦିର । ସେଥିପାଇଁ ତ କୁହାଯାଏ ସବୁ ସେଇ ପ୍ରଭୁଙ୍କ ଇଛା ।



